**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**Regd.Office: Janpath: Bhubaneswar**
**CORPORATE IDENTITY NUMBER (CIN) U40102OR2004GC007553**
Telephone: (0674) 2542369 Fax: (0674) 2545664

**Press Release**

# ଓପିଟିସିଏଲର ବାର୍ଷିକ କ୍ରୀଡ଼ା ଉତ୍ସବ




ଭୁବନେଶ୍ୱର/୧୧.୦୧.୨୦୨୦: ଓପିଟିସିଏଲ୍ ର ଷୋଡ଼ଶ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ରେଲୱାଇ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୃଷି ସଚିବ ତଥା ଓପିଟିସିଏଲ୍ର ଅଧ୍ୟକ୍ଷ ସୌରଭ ଗର୍ଗ ଯୋଗ ଦେଇ କର୍ମଚାରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଖେଳାଳୀ ମାନେ ଯେପରି ଶୃଙ୍ଖଳା ଓ ନିଷ୍ଠାର ସହିତ ଖେଳିଥାନ୍ତି ସେପରି ଭାବେ ରାଜ୍ୟବାସୀଙ୍କୁ ଉତ୍କୃଷ୍ଟ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରତ୍ୟକ କର୍ମଚାରୀ ତତ୍ପର ହେବା ଉଚିତ ବୋଲି ଶ୍ରୀ ଗର୍ଗ ନିଜ ଉଦବୋଧନରେ କହିଥିଲେ । ସମାନ୍ନିତ ଅତିଥି ଭାବେ ଗ୍ରୀଡ଼କୋ କମ୍ପାନୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଆଶିଷ ଇଶ୍ୱର ପାଟିଲ ଓ କମ୍ପାନିର ବରିଷ୍ଠ ମହା ପ୍ରବନ୍ଧକ ମାନେ ଉପସ୍ଥିତ ଥିଲେ । ୫୦ ବର୍ଷରୁ ଉର୍ଦ୍ଧ ପୁରୁଷ , ୫୦ ବର୍ଷରୁ କମ୍ ପୁରୁଷ ଏବଂ ମହିଳା , ଏପରି ତନୋଟି ବର୍ଗରେ ୧୪୦୦ରୁ ଉର୍ଦ୍ଧ କର୍ମଚାରୀ ଆଜି ଭାଗ ନେଇଥିଲେ । ୫୦ ବର୍ଷରୁ ଉର୍ଦ୍ଧ ପୁରୁଷ ବର୍ଗରେ ଶ୍ରୀ ସ୍ମୃତି ରଂଜନ ତ୍ରିପାଠୀ , ୫୦ ବର୍ଷରୁ କମ୍ ପୁରୁଷ ବର୍ଗରେ ସତ୍ୟନାରାୟଣ ପ୍ରଧାନ ଏବଂ ମହିଳା ବର୍ଗରେ ସୁଶ୍ରୀ କରିସ୍ମା ପ୍ରଧାନ ଚାଂପିଅନ ହୋଇଥିଲେ । ମାନବ ସମ୍ବଳ ମହା ପ୍ରବନ୍ଧକ ଶ୍ରୀ ଚନ୍ଦ୍ରଶେଖର ପ୍ରଧାନ ଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଉତ୍ସବଟି ଅନୁଷ୍ଠିତ ହୋଇଥିଲ ।